ଭାରତୀୟ ଜନତା ପାର୍ଟି କେନ୍ଦ୍ରୀୟ କାର୍ଯ୍ୟାଳୟ

୧୧, ଅଶୋକ ରୋଡ଼, ନୂଆଦିଲ୍ଲୀ-୧୧୦୦୦୧

ଫୋ.ନଂ-୨୩୦୦୫୭୦୦, ଫା.ନଂ-୨୩୦୦୫୭୮୭

ତା.୨୮.୦୨.୨୦୧୪

## ପ୍ରେସ ବିଜ୍ଞପ୍ତି

**ଭା.ଜ.ପାର ରାଷ୍ଟ୍ରୀୟ ପ୍ରବକ୍ତା ଓ ସାଂସଦ ଶ୍ରୀ ପ୍ରକାଶ ଜାଭେଦକରଙ୍କ ଦ୍ୱାରା ଜାରି ।**

୧- ବର୍ତ୍ତମାନ ଭାରତର ଅର୍ଥନୈତିକ ସନ୍ଦର୍ଭରେ ପ୍ରଧାନ ମନ୍ତ୍ରୀ ପ୍ରାର୍ଥୀ ତାଙ୍କ ଭାଷଣରେ ଆର୍ଥିକ ଦୃଷ୍ଟିକୋଣରୁ ଯେଉଁ ଗୁରୁତ୍ୱ ଆରୋପ କଲେ ତାକୁ ନେଇ ବି.ଜେ.ପି କଂଗ୍ରେସ କୁ ଖୋଲା ଆହ୍ୱାନ କରୁଅଛି । କଂଗ୍ରେସ ବର୍ତ୍ତମାନ କାହିଁକି ଚୁପ ହୋଇଯାଇଛି ଯାହା ଜଣା ପଡୁଛି ନରେନ୍ଦ୍ର ମୋଦିଙ୍କର ଉନ୍ନତ ଅର୍ଥନୈତିକ ଭାଷଣକୁ ନେଇ ।

୨-ଅର୍ଥନୀତିର ଉନ୍ନତି ପାଇଁ ବିଭିନ୍ନ ବିଷୟରେ ସେ ଆଲୋକପାତ କଲେ । ପୁଞ୍ଜି ନିବେଶ କରିବାପାଇଁ ବିଶ୍ୱାସ ସବୁଠାରୁ ବଡ଼ ଶକ୍ତି । ନୀତି ନିର୍ଦ୍ଧାରଣ କରିବା ଅପେକ୍ଷା ନୀତି ଲାଗୁ କରାଇବା ହେଉଛି ସବୁଠାରୁ ବଡ଼ କାମ । ଉନ୍ନତି ଜନ ଆନ୍ଦୋଳନରେ ମଧ୍ୟ ପରିଣତ ହୋଇପାରେ । ପୁଞ୍ଜି ନବେଶ ଓ ଦକ୍ଷ ଭିତ୍ତିଭୂମି ପ୍ରତିଷ୍ଠା ଦ୍ୱାରା ରୋଜଗାର ସୃଷ୍ଟି କରାଯାଇପାରେ । ଭୌଗୋଳିକ ପରିସ୍ଥିତି ନେଇ ଦାବି ମଧ୍ୟ ଗଣତନ୍ତ୍ରର ସପକ୍ଷରେ ଯିବା ଆବଶ୍ୟକ ।

ଦିଲ୍ଲୀରେ ତାଙ୍କର କାଲି ତିନୋଟି ଭାଷଣରେ ଉ.ପା ସରକାରଙ୍କର ବିଫଳତାକୁ ସାମ୍ନାକୁ ଆଣିଥିଲେ ଓ ଭାରତର ଅର୍ଥନୀତିକୁ କିପରି ଉନ୍ନତ କରାଯିବ ତାହାର ଦିଶା ନର୍ଦ୍ଦେଶ କରିଥିଲେ । ତାଙ୍କ ଭାଷଣ ନେଇ କଂଗ୍ରେସ ବର୍ତ୍ତମାନ ଯୁକ୍ତି କରିବା ଆରମ୍ଭ କରିଦେଇଛି ।

୨-ଗତ ୧୦ ମାସ ମଧ୍ୟରେ ୧୦ଟି ନୌସେନାର ଦୁର୍ଘଟଣା ଦେଶରନୌସେନାର ଦୁଃସ୍ଥିତି ସମ୍ପର୍କରେ ସୂଚାଇ ଦେଉଅଛି । ଏହି ଦାୟିତ୍ୱହୀନ ଅବସ୍ଥା ପାଇଁ ଉପା ସରକାର ହିଁ କେବଳ ଦାୟୀ ଏବଂ ଏହାଦ୍ୱାରା ବାରମ୍ୱାର ଦେଶର ସୁରକ୍ଷା ବଳକୁ ଦୁର୍ବଳ କରିବାରେ ଲାଗିଛି । ନୌବାହିନୀର ମୁଖ୍ୟ ମଧ୍ୟ ତାଙ୍କ ପଦ ତ୍ୟାଗ କରିସାରିଛନ୍ତି । ରକ୍ଷା ମନ୍ତ୍ରୀ ପ୍ରକାଶ କରନ୍ତି ଯେ ଯେଉଁ ଦୁଃଖଦ ଘଟଣା ଘଟିଗଲା ସେଥିରେ

ନୌବାହିନୀର ମୁଖ୍ୟ ବିଚଳିତ ହୋଇ ପଡ଼ିଛନ୍ତି । ବାସ୍ତବରେ ପ୍ରତିରକ୍ଷା ମନ୍ତ୍ରୀଙ୍କର ନିଜ ଦୋଷ ଘୋଡ଼ାଇବାର ଏହା ଏକ ଉପାୟ । ଯେତେବେଳେ ଧନ ଜୀବନ କ୍ଷତି ହୋଇଗଲା ଆପଣମାନେ କାହିଁକି ବିଚଳିତ ହେଲେନାହିଁ ବୋଲି ପ୍ରଧାନ ମନ୍ତ୍ରୀ ଏବଂ ରକ୍ଷା ମନ୍ତ୍ରୀଙ୍କୁ ଦେଶ ପ୍ରଶ୍ନ କରେ । ସେଥିପାଇଁ ରକ୍ଷା ମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବା ଆବଶ୍ୟକ । ବି.ଜେ.ପି ସେହି ଦୁଇ ଜଣ ସାହସୀ ନୌସେନା ପଦାଧୀକାରୀଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଅଛି ।

ବାରମ୍ବାର ନୌବାହିନୀ ପ୍ରତି ବଜେଟ ସମୟରେ ବୈମାତୃକ ଭାବ ପୋଷଣ କରାଯାଉଅଛି । ବହୁତ ଗୁଡ଼ିଏ ବୁଡ଼ା ଜାହଜର ଅବସ୍ଥା ମଧ୍ୟ ସେତେ ଭଲ ନାହିଁ । ସେଗୁଡ଼ିକ ପ୍ରାୟତଃ ପୂରାତନ ଶୈଳୀର । ସରକାର ସେଗୁଡ଼ିକ ବଦଳାଇବା ପାଇଁ ନିଷ୍ପତ୍ତି ନେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ କରାଯାଇନାହିଁ । ଏପରିକି ବିଭିନ୍ନ ଘଟଣାରେ ନୌବାହିନୀକୁ ଆର୍ଥିକ ଦୁଃସ୍ଥିତିର ସାମ୍ନା କରିବାକୁ ପଡ଼ିଅଛି । ବର୍ତ୍ତମାନ ସିନ୍ଧୁରକ୍ଷକରେ ଯେଉଁ ଘଟଣା ଘଟିଲା ତାହାର କାରଣ ପୁରୁଣା ବ୍ୟାଟେରୀ ଗୁଡ଼ିକୁ ବଦଳାଯାଇ ନଥିଲା । ତାହାର ଫଳାଫଳ ଏତେ ଭୟାନକ ଥିଲା । ସି.ଏ.ଜି ଏହାକୁ ମଧ୍ୟ ୨୦୦୮–୯ ଓ ୨୦୧୦–୧୧ ରେ ଦିଶା ନିର୍ଦ୍ଦେଶ କରିଥିଲେ ।

**ଇଂ ଅରୁଣ କୁମାର ଜୈନ, କାର୍ଯ୍ୟାଳୟ ସମ୍ପାଦକ**